## ସଂକ୍ଷେପରେ

### କଲଭର୍ଟ ନିକଟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ମହାକାଳପଡ଼ା, ୧୧।୧୨ (ଡି.ଏନ.ଏ.):** ମହାକାଳପଡା ଥାନା ଅଳାଇଲ ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରୁଣୀ ଗ୍ରାମର ଗୋବରୀ ନଦୀ ପାର୍ଶ୍ୱ କଲଭର୍ଟ ନିକଟରୁ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ମୟୂରଭଞ୍ଜ ଜିଲାର ଖୁଣ୍ଟା ବ୍ଲକ ଟଡିକ ଗାଁର ଦିବାକର ଦାସ (୫୨)। ଏନେଇ ମୃତକଙ୍କ ଶଳା ଶ୍ୟାମସୁନ୍ଦର ସାମଲ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଥାନାରେ ଅପମୃତ୍ୟୁ ମାମଲା (ନଂ-୧୫/୧୮) ରୁଜୁକରିଛି। ସୂଚନାଯୋଗ୍ୟ, ଦିବାକର କୁମ୍ଭାରୁଣୀ ଗ୍ରାମରେ ଘର ଭଡା ନେଇ ରହିବା ସହ ପଟ୍ଟାମୁଣ୍ଡାଇ ଥାନା ବୋଧଗାଁ ଗ୍ରାମର ଏକ ଲେଜ୍ ଦୋକାନରେ ମିସ୍ତ୍ରୀ କାର୍ଯ୍ୟ କରୁଥିଲେ। ସୋମବାର ସକାଳେ କୌଣସି କାର୍ଯ୍ୟରେ କେନ୍ଦ୍ରାପଡା ସହରକୁ ଯାଉଥିବା କହି ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ କୌଣସି ଖବର ମିଳି ନ ଥିଲା। ମଙ୍ଗଳବାର ସକାଳେ ଗୋବରୀ ନଦୀ ପାର୍ଶ୍ୱ କଲଭର୍ଟ ନିକଟରୁ ତାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ସ୍ତ୍ରୀ ବିଦ୍ୟୁଲତାଙ୍କୁ ଖବର ଦେଇଥିଲେ। ମୃତକଙ୍କ ମୁହଁ, ନାକ ଓ କାନରୁ ରକ୍ତସ୍ରାବ ହୋଇଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଛି। ଖବରପାଇ ଥାନା ଏଏସ୍ଆଇ ରବୀନ୍ଦ୍ର କୁମାର ବେଉରା ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି।

## ଶ୍ରମିକଙ୍କ ଭାଗ୍ୟ ଟ୍ରେଡ ୟୁନିୟନ ହାତରେ

# ଜାଲ୍ କାଗଜରେ ଚାଲିଛି ଅନୁଦାନ ଅର୍ଥ ଉଠାଣ

**କେନ୍ଦ୍ରାପଡା ଅଫିସ, ୧୧।୧୨**

- ପିସି କାରବାରରେ ଜଡିତ ଥିବା ଅଭିଯୋଗ
- ଶୋଷଣର ଶିକାର ହେଉଛନ୍ତି ଶ୍ରମିକ

କେନ୍ଦ୍ରାପଡା ଜିଲାରେ ଶ୍ରମିକଙ୍କ ଭାଗ୍ୟ ଟ୍ରେଡ ୟୁନିୟନ ହାତରେ ରହିଛି। ଏହି ଟ୍ରେଡ ୟୁନିୟନରେ ଜାଲ୍ କାଗଜ ମାଧ୍ୟମରେ ନିର୍ମାଣ ଶ୍ରମିକଙ୍କ ଅର୍ଥ ହଡପ ହେଉଛି ବୋଲି ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଓଡ଼ିଶା ଇନଫ୍ରାଷ୍ଟ୍ରକ୍ଚର କନଷ୍ଟ୍ରକଶନ ୱାର୍କର୍ସ ୟୁନିଅନ ସଭାପତି ମାଧବ ଦାସ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ପରେ ଜିଲାରେ ଥିବା ଦାଦନ ସମସ୍ୟା, ଅନୁଦାନ ହଡ଼ପ ଓ ଠକ ବ୍ୟବସାୟୀଙ୍କ ମୁଖା ଖୋଲିଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି।

ତାଙ୍କ ଅଭିଯୋଗ ଅନୁଯାୟୀ,ତାଲିମ ପ୍ରଦାନକାରୀ କମ୍ପାନୀଗୁଡିକ ବିଭିନ୍ନ ଜିଲାରେ ନିର୍ମାଣ ଶ୍ରମିକଙ୍କୁ ତାଲିମ ପ୍ରଦାନ କରିଥିବା ଦର୍ଶାଇ ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡରୁ ପ୍ରାୟ ୨୦୬ କୋଟି ଟଙ୍କା ହାତେଇଛନ୍ତି। ଏଥିସହ କେନ୍ଦ୍ରାପଡା ଜିଲାର ୪୩ ନିର୍ମାଣ ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କ କାର୍ଯ୍ୟ ସମ୍ପର୍କରେ ସେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ନିର୍ମାଣ ଶ୍ରମିକଙ୍କ ସାଇକେଲ, ଯନ୍ତ୍ରପାତି, ବିବାହ, ଗୃହ ନିର୍ମାଣ ପାଇଁ ସହାୟତା ରାଶି ଟ୍ରେଡ ୟୁନିୟନ ଜରିଆରେ ପ୍ରଦାନ କରୁଛନ୍ତି। ମାତ୍ର ଟ୍ରେଡ ୟୁନିୟନ ଏଥିରେ ପିସି କାରବାର କରୁଥିବା ସେ ଅଭିଯୋଗ କରିଛନ୍ତି। ଟ୍ରେଡ ୟୁନିଅନ ସାଇକେଲ ପାଇଁ ମିଳୁଥିବା ସହାୟତା ରାଶି ଶ୍ରମିକଙ୍କୁ ପ୍ରଦାନ କରିବା ବଦଳରେ ଅଳ୍ପକିଛି ସହାୟତା ରାଶି ଦେଇ କୌଣସି ବ୍ୟବସାୟୀଠାରୁ ରସିଦ ଆଣି ଜିଲା ଶ୍ରମ କାର୍ଯ୍ୟାଳୟରେ ଦାଖଲ କରୁଛି। ଅପରପକ୍ଷେ ବ୍ୟବସାୟୀମାନେ ମିଛ ରସିଦ ଦେଇ ସରକାରଙ୍କ ନିର୍ଦ୍ଧାରିତ ଜିଏସ୍‌ଟି ରାଶି ହାତେଇ ନେଉଛନ୍ତି। ସାଇକେଲ ପରି ଅନ୍ୟାନ୍ୟ ଯୋଜନାରେ ମଧ ଅର୍ଥ ହଡ଼ପ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି। ବିକାଶ ନାମରେ ଏଠାରେ ଅର୍ଥ ଶୋଷଣ ଚାଲିଛି ବୋଲି ଡେରାବିଶ ବ୍ଲକର ସାମାଜିକ କର୍ମୀ ବାନାମ୍ବର ସାହୁ ମତ ଦେଇଛନ୍ତି । ଟ୍ରେଡ ୟୁନିଅନ ନେତା ଜଗତଜୀବନ ଦାସ କହିଛନ୍ତି, ୨୦୧୫ରୁ ବହୁ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଆବେଦନପତ୍ର ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟରେ ପଡିରହିଥିବା ବେଳେ କେତେକ ନୂଆ ଟ୍ରେଡ ୟୁନିଅନର ଶ୍ରମିକମାନେ ଲେବର କାର୍ଡ ହାତେଇ ନେଇଛନ୍ତି। ଏପରି କି ଜିଲାର ଏକ ଦମ୍ପତି ଦୁଇଟି ଟ୍ରେଡ ୟୁନିଅନ ସମାନ୍ତର ଚଳାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହା ଟ୍ରେଡ ୟୁନିୟନ ଆଇନ ବିରୋଧୀ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଶିବାଶିଷ ମହାନ୍ତି କୁହନ୍ତି, ଜିଲାରେ ୭୮ ହଜାରରୁ ଉର୍ଦ୍ଧ୍ୱ ଲେବରକାର୍ଡ଼ ଦିଆଯାଇଛି । ଏହି ଲେବରକାର୍ଡ଼କୁ ଯାଞ୍ଚ କଲେ ସବୁଗୁଡ଼ିକ ଟ୍ରେଡ଼ ୟୁନିୟନ ସଂସ୍ଥା ସହ ଜଡ଼ିତ ବୋଲି ସେ କହିଛନ୍ତି। ଟ୍ରେଡ ୟୁନିଅନ ମାଧ୍ୟମରେ ପଞ୍ଜୀକରଣ ସହଜ ହୋଇଥିବାରୁ ଶ୍ରମିକମାନେ ନେତାଙ୍କ ଶରଣ ପଶୁଛନ୍ତି । ଏହାର ସୁଯୋଗ ନେଇ କେତେଜଣ ଦଲାଲ ଶ୍ରମିକଙ୍କୁ ଶୋଷଣ କରୁଛନ୍ତି । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ କଳ୍ପନା ମିଶ୍ର କୁହନ୍ତି ଯେ, ଟ୍ରେଡ ୟୁନିଅନ ମାଧ୍ୟମରେ ସାଧାରଣତଃ ନିର୍ମାଣ ଶ୍ରମିକମାନେ ନିଜର ନାମ ପଞ୍ଜୀକୃତ କରୁଛନ୍ତି । ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ପ୍ରଦାନ ଅଥବା ତାଲିମ ବାବଦ ଅର୍ଥ ନେଣଦେଣରେ ଲାଞ୍ଚ କାରବାର ହୁଏ ନାହିଁ । ପ୍ରମାଣ ପତ୍ର ଦେଖି ସହାୟତା ରାଶି ପ୍ରଦାନ କରାଯାଏ। ଏହାର ତଦନ୍ତ ହେଲେ ସମସ୍ତ ସତ୍ୟ ବାହାରକୁ ଆସିବ ବୋଲି ସେ ପ୍ରକାଶ କରିଛନ୍ତି ।

## ୫ ରାଜ୍ୟର ନିର୍ବାଚନ ଫଳାଫଳ

### ବାଣ ଫୁଟାଇ ଖୁସି ବ୍ୟକ୍ତ କଲେ କଂଗ୍ରେସ କର୍ମୀ

**ଡେରାବିଶ, ୧୧।୧୨ (ସ୍ୱ.ପ୍ର.)**

ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ରେ ବିଧାନସଭା ନିର୍ବାଚନରେ କଂଗ୍ରେସ ଆଗୁଆ ଥିବା ନେଇ ପାଟକୁରା ନିର୍ବାଚନ ମଣ୍ଡଳୀ ୧୪ ନଂ. ଜୋନ୍‌ରେ ଦଳୀୟ କର୍ମୀ ଓ ନେତାମାନେ ପରସ୍ପରକୁ ମିଠା ଖୁଆଇ ଖୁସି ବ୍ୟକ୍ତ କରିଛନ୍ତି। ପାଟକୁରା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତିଙ୍କ ଆହ୍ୱାନରେ ଜୋନ୍ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି କୈଳାସ କର, ପ୍ରଦୀପ୍ତ ରାଉତ, ଚାନ୍ଦୋଳ ପଞ୍ଚାୟତ ସଭାପତି ସୁଧୀର ରାଉତ, ଦିଲ୍ଲୀପ ମହାନ୍ତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ବାଣ ଫୁଟାଇ ମିଠା ବାଣ୍ଟି ଖୁସି ବ୍ୟକ୍ତ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ 'କଂଗ୍ରେସ ଉଠିବ ଓଡ଼ିଶା ହସିବ' ନାରା ପ୍ରମାଣିତ ହେବାକୁ ଯାଉଛି ବୋଲି ଜୟନ୍ତ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ:ପଟ୍ଟାମୁଣ୍ଡାଇକୁ ହରାଇ ଫାଇନାଲରେ ଆଳି

**ଆଳି, ୧୧।୧୨ (ଡି.ଏନ୍.ଏ.)**

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ହାରାମଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ଶରତ କୁମାର ଦେବ ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ। ଏହି ଅବସରରେ ଆଳି ଆଥଲେଟିକ ଆସୋସିଏଶନ ଓ ପଟ୍ଟାମୁଣ୍ଡାଇ ଫୁଟବଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଳି ଆଥଲେଟିକ ପଟ୍ଟାମୁଣ୍ଡାଇକୁ ୫-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ଖେଳରେ ଅତିଥି ଭାବେ ମେଣ୍ଢପୁର ସରପଞ୍ଚ ପ୍ରତାପ କୁମାର ସାହୁ ଓ ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ ଯୋଗଦେଇଥିଲେ। ରେଫରୀ ଭାବେ ଅରୁଣ ବାରିକ, ଶିବପ୍ରସାଦ ମଲିକ, ଶରତ ଜେନା, ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିଲେ। ରବୀନ୍ଦ୍ର ମହାନ୍ତି, ଶୁକଦେବ ଗୋଛାୟତ, ଭରତ ମଲିକ, ବୈଦ୍ୟନାଥ ମହାନ୍ତି, ସେକ୍ ରୋହନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ନେତାଜୀ କ୍ଲବ ତରାସ ଓ ଏନଏସି କ୍ଲବ ଚାନ୍ଦବାଲି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଡଙ୍ଗାରେ କାଠ ଚୋରା ଚାଲାଣ



ଚାଲାଣ ହେଉଥିବା ଚୋରାକାଠ।

**ମହାକାଳପଡ଼ା, ୧୧।୧୨ (ଡି.ଏନ୍.ଏ.)**

ମହାନଦୀ ପାର୍ଶ୍ୱବର୍ତ୍ତୀ କାଜୁ ଜଙ୍ଗଲରୁ ଦିନ ଦ୍ୱିପହରରେ କାଠ ଚୋରା ଚାଲାଣ ହେଉଛି। ଅସାଧୁ ବ୍ୟବସାୟୀମାନେ ଉକ୍ତ ଜଙ୍ଗଲରୁ କାଠ କାଟି ଡଙ୍ଗା ଯୋଗେ ନଦୀ ପଥରେ ବାହାରକୁ ଚାଲାଣ କରୁଥିବା ଦେଖାଯାଉଛି। ଏଭଳି ଚୋରା କାରବାର ଚାଲିଲେ କିଛି ବର୍ଷ ଭିତରେ ସମସ୍ତ କାଜୁ ଜଙ୍ଗଲ ପଦା ହୋଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଜଙ୍ଗଲ ଅବକ୍ଷୟ ହେବାରୁ ସମୁଦ୍ରରେ ଉଚ୍ଚ ଜୁଆର ଆସିଲେ ମାଟି ଧୋଇ ଯାଇ ଏକାଧିକ କାଜୁ ଗଛ ମହାନଦୀ ଗର୍ଭରେ ପଡ଼ି ଭାସୁଥିବା ମଧ ଦେଖିବାକୁ ମିଳିଛି। ତେବେ କାଜୁ ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ରାମନଗରସ୍ଥିତ କାଜୁ ନିଗମ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଜୟଦେବ ଦାଶଙ୍କୁ ପଚାରିବାରେ ଜଙ୍ଗଲ ସୁରକ୍ଷା ଦିଗରେ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**




ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧)
**ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଜାଳିଦେଲେ ଧାନ ଗଦା, ୨ ଏକର ଫସଲ ନଷ୍ଟ

**ବାଲିକୁଦା,୧୧।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ମରିଚିପୁର ଗାଁର ପାଗୁ ବେହେରାଙ୍କ ଧାନ ଗଦାକୁ କେହି ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି। ପାଗୁ ପ୍ରାୟ ୨ ଏକର ଜମିର ଧାନ କାଟି ଅମଳ ପାଇଁ ଘରଠାରୁ ମାତ୍ର ଦୁଇ ସହ ମିଟର ଦୂର ବିଲରେ ଗଦା କରିଥିଲେ। ମେଶିନ ଆସିଥିଲେ ଧାନ ଅମଳ ହୋଇଥାନ୍ତା। ମାତ୍ର ଏହା ପୂର୍ବରୁ ମଙ୍ଗଳବାର ମଧ୍ୟାହ୍ନରେ ଧାନ ଗଦା ଜଳୁଥିବା ଦେଖି କେହି ଲୋକ ପାଗୁଙ୍କୁ ଡାକ ପକାଇଥିଲେ। ଗାଁ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ବାଲିକୁଦା ଅଗ୍ନିଶମ ଅଧିକାରୀ ପି ଜଗନ୍ନାଥ ରାଓ ନିଜ ଟିମ ସହ ପହଞ୍ଚି ନିଆଁ ଲିଭାଇଥିଲେ।

## ୨୩ରେ ପାରାଦୀପ ପଥୋତ୍ସବ

**ପାରାଦୀପ,୧୧।୧୨(ସ୍ୱ.ପ୍ର.)**

ଆସନ୍ତା ୨୩ ତାରିଖରେ ପ୍ରଥମକରି ପାରାଦୀପରେ ହେବ ପଥୋତ୍ସବ। ଏଥିପାଇଁ ମଙ୍ଗଳବାର ପୌର ପ୍ରଶାସନିକ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୌର ପାଳିକା ପକ୍ଷରୁ ଏହି ଉତ୍ସବ ଆୟୋଜନ ହେବ। ତେବେ ଏଥିରେ ସରକାରୀ ଅର୍ଥ ଖର୍ଚ୍ଚ କରାଯିବ ନାହିଁ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ସଂଘ ପ୍ରତିନିଧିମାନେ ସହାୟତା କରିବେ। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ମହିଳା, ଯୁବବର୍ଗ, ବୃଦ୍ଧାବୃଦ୍ଧ ସମସ୍ତେ ଏଥିରେ ଅଂଶଗ୍ରହଣ କରିବେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ଏହି କାର୍ଯ୍ୟକ୍ରମ କରାଯାଉଛି। ପାରାଦୀପ ବନ୍ଦର ସହରରେ ବର୍ତ୍ତମାନ ଟ୍ରାଫିକ ସମସ୍ୟା ଓ ପ୍ରଦୂଷଣ ଚରମସୀମାରେ ପହଞ୍ଚିଛି। ପରିବେଶ ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ ପଲିଥିନ ବ୍ୟବହାର ବନ୍ଦ କରିବା, ଗାଡି ଚଳାଚଳ ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଆଦି ସମ୍ପର୍କରେ ପଥୋତ୍ସବରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ଏହି ଦିନ ମଧୁବନ ଅଫିସର୍ସ କ୍ଲବ ଛକରୁ ଶାରଳାରୋଡ୍ ବତୀଘର ଛକ ପର୍ଯ୍ୟନ୍ତ ସେହି ସମୟରେ ଗାଡ଼ି ଚଳାଚଳ ବନ୍ଦ ରହିବ। ସେହି ରାସ୍ତା ଉପରେ ଛାତ୍ରୀଛାତ୍ର ଖେଳିବେ, ମହିଳା ଝୋଟି ପକାଇବେ, କବିତା ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବ। ଏହା ସଫଳ ହେଲେ ପରବର୍ତ୍ତୀ ସମୟରେ ପ୍ରତି ମାସରେ ଅନ୍ୟ ରାସ୍ତା ଉପରେ ପଥୋତ୍ସବ କରାଯିବ। ବୈଠକରେ ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଉପାଧ୍ୟକ୍ଷା ପ୍ରଭାତି ନାୟକଙ୍କ ସମେତ କାଉନ୍‌ସିଲର, ବିଜୁ ଯୁବବାହିନୀ କର୍ମୀ, କ୍ରୀଡ଼ା ଶିକ୍ଷକ, ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରଥମକରି ପାରାଦୀପରେ ଏଭଳି କାର୍ଯ୍ୟକ୍ରମ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି। ପଥୋତ୍ସବକୁ ସଫଳ କରିବା ନିମନ୍ତେ ପୌର ପ୍ରଶାସନ ପକ୍ଷରୁ ସମସ୍ତ କରାଯିବ ବୋଲି କୁହାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

